ଓଡ଼ିଶା ସରକାର

୧୯୮୦-୮୧ ମସିହାର

ଲେଖାନୁଦାନ ଅନୁମୋଦନ ପ୍ରସ୍ତାବ ଆଗତ କର

ଅର୍ଥମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକଙ୍କର

ଓଡ଼ିଶା ବିଧାନସଭାରେ ବିବୃତି

ତା ୨-୭-୧୯୮୦

STATEMENT BY

**SHRI RAGHUNATH PATNAIK**

*Minister of Finance*

*While moving motion for*

*Vote on Account for the year 1980-81*

*in the Orissa Legislative Assembly*

*2-7-1980*

## ୧୯୮୦-୮୧ ମସିହାର
## ଲେଖାନୁଦାନ ଅନୁମୋଦନ ପ୍ରସ୍ତାବ ଆଗତ କର
## ଅର୍ଥମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକଙ୍କର
## ଓଡ଼ିଶା ବିଧାନସଭାରେ ବକ୍ତୃତା
## ତା ୨-୭-୧୯୮୦

ମହାଶୟ,

୧୯୮୦ ମସିହା ଫେବୃୟାରୀ ମାସରେ ବିଧାନସଭା ଭଙ୍ଗ ହେବା ପରେ ୧୯୮୦-୮୧ ବାର୍ଷିକ ବଜେଟକୁ ସ୍ଥଗିତ ରଖି ସଂସଦ ଚାରିମାସ ପାଇଁ ଲେଖାନୁଦାନ ମଞ୍ଜୁର କରି-ଥିଲେ । ଉକ୍ତ ମଞ୍ଜୁରୀ ତା ୩୧-୭-୧୯୮୦ରେ ଶେଷ ହେବ । ଇତ୍ୟବସରରେ, ରାଜ୍ୟ ବିଧାନସଭା ପୁନର୍ଗଠିତ ହୋଇଅଛି ଏବଂ ଓଡ଼ିଶାର ଜନସାଧାରଣ ଏକ ସମୃଦ୍ଧିଶାଳୀ ରାଜ୍ୟ ଗଠନ ନିମିତ୍ତ ଆମକୁ ଶାସନର ଗୁରୁଭାର ଅର୍ପଣ କରିଅଛନ୍ତି । ଜନସାଧାରଣଙ୍କର ଆଶା ଓ ଆକାଂକ୍ଷା ପୂରଣ କରିବାକୁ ଆମେ ସଙ୍କଳ୍ପବଦ୍ଧ । ଏଥିପାଇଁ କୃଷି, ଜଳସେଚନ, ବିଦ୍ୟୁତ୍ ଯୋଗାଣ, ଶିଳ୍ପ ବିକାଶ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତି କ୍ଷେତ୍ରରେ ସୁଚିନ୍ତିତ ଯୋଜନାମାନ ପ୍ରବର୍ତ୍ତନ କରାଯିବ । ହରିଜନ, ଆଦିବାସୀ, ଏବଂ ଦରିଦ୍ର ଲୋକମାନଙ୍କର ଆର୍ଥିକ ଓ ସାମାଜିକ ଉନ୍ନତିପାଇଁ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବ । ଏ ସବୁ କାର୍ଯ୍ୟକ୍ରମକୁ ଫଳପ୍ରଦ କରିବାପାଇଁ ମାନ୍ୟବର ସଭ୍ୟମାନଙ୍କର ସଦିଚ୍ଛା ଏବଂ ସହଯୋଗ ଏକାନ୍ତ ଆବଶ୍ୟକ ।

ଏକ ଘଡ଼ିସନ୍ଧି ବେଳାରେ ଆମ୍ଭେମାନେ କାର୍ଯ୍ୟଭାର ଗ୍ରହଣ କରିଅଛୁ । ଉତ୍କଟ ମରୁଡ଼ି ଯୋଗୁଁ ରାଜ୍ୟର ଆର୍ଥିକ ଅବସ୍ଥାର ଘୋର ଅବନତି ଘଟିଅଛି । ମୁଦ୍ରାସ୍ଫୀତିର ଚାପ ଦିନୁଦିନ ବୃଦ୍ଧି ପାଉଅଛି । ଖାଦ୍ୟ ପରିସ୍ଥିତି ସନ୍ତୋଷଜନକ ଥିଲେହେଁ ଅନ୍ୟାନ୍ୟ କ୍ଷେତ୍ରରେ ନିଅଣ୍ଟ ପୂରି ରହିଛି । ସମସ୍ୟାଗୁଡ଼ିକ ଗୁରୁତର ଏବଂ ତା'ର ସମାଧାନ ସହଜସାଧ୍ୟ ନୁହେଁ; କିନ୍ତୁ ବିଶ୍ୱାସ ଓ ଦୃଢ଼ ମନୋବଳ ନେଇ ଅଗ୍ରସର ହେବାକୁ ଆମେ ଆଶାୟୀ । ପ୍ରଚଳିତ ପରିକଳ୍ପନାଗୁଡ଼ିକର ପୁନର୍ବିନ୍ୟାସ ନିମିତ୍ତ କାର୍ଯ୍ୟପନ୍ଥା ସ୍ଥିର କରା-ଯାଇଅଛି ଏବଂ ନୂତନ ପରିକଳ୍ପନା ପ୍ରସ୍ତୁତ କରାଯାଇଛି । ରାଜ୍ୟର ଉନ୍ନୟନ ଆବଶ୍ୟକତା ଦୃଷ୍ଟେ ସମ୍ବଳ ସଂଗ୍ରହ ପ୍ରୟାସ ମଧ୍ୟ ତ୍ୱରାନ୍ୱିତ କରାଯାଉଅଛି । ସରକାରୀ

ଆଭିମୁଖ୍ୟକୁ କାର୍ଯ୍ୟକାରୀ କରିବା ଦିଗରେ ବଜେଟ ଏକ ପ୍ରଧାନ ମାଧ୍ୟମ । କିନ୍ତୁ ତା ୩୧-୭-୧୯୮୦ ପୂର୍ବରୁ ସରକାରଙ୍କର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ବଳିତ ବଜେଟ ପ୍ରସ୍ତୁତ କରିବା ସମ୍ଭବପର ନ ହେବାରୁ ଆମେ ସେପ୍ଟେମ୍ବର ଶେଷ ପର୍ଯ୍ୟନ୍ତ ଆଉ ଏକ ଦୁଇ ମାସିଆ ଲେଖାନୁଦାନ ଉପସ୍ଥାପିତ କରୁଅଛୁ । ଏହି ସମୟ ମଧ୍ୟରେ ଆମର ପରିକଳ୍ପିତ ବଜେଟ ଗୃହର ବିଚାର ଓ ଅନୁମୋଦନପାଇଁ ଉପସ୍ଥାପନ କରିପାରିବୁ ।

ମାନ୍ୟବର ସଭ୍ୟମାନଙ୍କୁ ଯୋଗାଇ ଦିଆଯାଇଥିବା ବାର୍ଷିକ ଆର୍ଥିକ ବିବରଣୀ ଓ ସଂପୃକ୍ତ ଅନୁଦାନ ଦାବୀଗୁଡ଼ିକ ସଂସଦରେ ଉପସ୍ଥାପିତ କରାଯାଇଥିବା ୧୯୮୦-୮୧ ବଜେଟ ଅନୁମାନର ମୋଟାମୋଟି ନିଦର୍ଶନ । ଆର୍ଥିକ ବିବରଣୀରେ କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳଙ୍କ ସୁପାରିଶକ୍ରମେ ମଞ୍ଜୁର କରାଯାଇଥିବା ମରୁଡ଼ି ଆଗୁଆ ଯୋଜନା ସାହାଯ୍ୟ ଓ ସ୍ୱଳ୍ପ ମିଆଦି ଋଣ ଅନ୍ତର୍ଭୁକ୍ତ କରାଯାଇଅଛି । ଉକ୍ତ ସାହାଯ୍ୟର ସମୟାନୁଯାୟୀ ବିନିଯୋଗପାଇଁ ରାଜ୍ୟ ସରକାର ସମ୍ବିଧାନର ୩୫୭ ଧାରା ଅନୁସାରେ ରାଷ୍ଟ୍ରପତିଙ୍କଠାରୁ ୨୦ କୋଟି ଟଙ୍କାର ଅନୁମୋଦନ ପାଇଥିଲେ । ଏହାର ଏକ କିତା ନକଲ ଗୃହରେ ଉପସ୍ଥାପନ କରାଯାଇଅଛି । କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳଙ୍କ ସୁପାରିଶକ୍ରମେ କେନ୍ଦ୍ର ସରକାରଙ୍କ ଅନୁମୋଦିତ ସାହାଯ୍ୟ ବର୍ତ୍ତମାନ ଲେଖାନୁଦାନର ଅନ୍ତର୍ଭୁକ୍ତ ।

ମହାଶୟ, ଏତିକି କହି ମୁଁ ୧୯୮୦ ସେପ୍ଟେମ୍ବର ମାସ ଶେଷ ପର୍ଯ୍ୟନ୍ତ ସରକାରୀ କାମଚଳା ନିମିତ୍ତ ଲେଖାନୁଦାନ ଗୃହର ବିଚାର ଓ ଅନୁମୋଦନ ନିମିତ୍ତ ଆଗତ କରୁଅଛି ।

ଜୟହିନ୍ଦ୍

STATEMENT BY

## SHRI RAGHUNATH PATNAIK

***Minister of Finance***
***While moving motion for***
***Vote on Account for the year 1980-81***
***in the Orissa Legislative Assembly***
***2-7-1980***

Sir,

After dissolution of the Legislative Assembly in February, 1980 the Parliament had authorised an On Account Grant for four months pending consideration of the Demands for Grants for the year 1980-81. This authorisation would expire on 31st July, 1980. Meanwhile, the State Legislature has been reconstituted and the people of Orissa have given us a massive mandate to build a prosperous State. It is our earnest endeavour to keep the pledges made by us to fulfil the hopes and aspirations of our people. To this end, carefully planned programmes will be launched for development of agriculture, irrigation, industry, power, transport, education and health care. To enable the Scheduled Castes, Scheduled Tribes and weaker sections of the community partake of the economic gains, foremost priority would be attached to the implementation of the Twenty Point Programme. For achieving these objects, I seek the goodwill and active co-operation of the Hon'ble Members.

We have assumed office in a difficult period. The economy of the State has suffered a serious set back due to severe drought. Inflationary pressures continue to be heavy. While availability of food-grains in the country is reassuring, shortages persist in several other cases. The problems are serious and the task ahead is by no means easy. But with faith and determination we hope to go ahead. Action has already been initiated to

reorient on-going schemes of the Government and formulate new programmes. Efforts are also being intensified to mobilise resources to match the development needs of the State. The Budget is a major instrument for implementation of Government's policies but the time left till 31st of July being short, it is not possible to present before that date a recast Budget reflecting the programmes and policies of the new Government. We have therefore found it necessary to seek a fresh Vote on Account to cover a further period of two months till the end of September. By that time we shall be able to present for consideration and approval of the House a recast Budget consistent with our policies and programmes.

The Annual Financial Statement and the connected Demands for Grants that have been circulated to the Hon'ble Members broadly represent the estimates for 1980-81 presented to the Parliament. The estimates also include the full amounts of advance Plan assistance and short-term loan assistance sanctioned by the Government of India for drought relief on the basis of the recommendation of the Central Team which visited the State after the Parliament had passed the first Vote on Account in March, 1980. For timely utilisation of the assistance the State Government had obtained Presidential authorisation for an amount of Rs. 20 crores under Article 357 of the Constitution copy of which has been laid on the table of the House. The amount sanctioned by the Government of India on the basis of the Central Team's recommendations has now been included in the Demands for Grants and the Vote on Account.

With these words Sir, I move for consideration and approval of the House a motion for a Vote on Account to enable the Government carry on the State's activities till the end of September, 1980.

*JAI HIND*

Printed at Orissa Government Press, Cuttack-10